## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଲୋଇସିଂହା,୨୫।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମାଣ୍ଡିଆପଦର ଛକରେ ହୀରାପୁର ଗ୍ରାମର ମାନସ କୁମାର ପଧାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଦଫା ୩୪୧,୨୯୪, ୩୨୪, ୩୨୩, ୫୦୬, ୩୦୭, ୩୪ରେ ଲୋଇସିଂହା ଥାନାରେ ଏକ ମାମଲା( ୩୪୧/୨୩) ରୁଜୁ କରି ହୋଇଛି। ପୋଲିସ ସୂଚନା ଅନୁଯାୟୀ, ହୀରାପୁର ଗ୍ରାମର ମାନସ ପଧାନ ଓ ରଞ୍ଜନ ପଧାନ ମାଣ୍ଡିଆପଦର ଛକସ୍ଥିତ ଏକ ଚିକେନ ସେଣ୍ଟରକୁ ବକେୟା ଟଙ୍କା ଦେବାକୁ ଯାଇଥିଲେ । ଏହି ସମୟରେ ମାଣ୍ଡିଆପଦର ଗ୍ରାମର ଆଶିଷ ସାହୁ ଓ ଲଟୁ ପାଣ୍ଡେ ଗାଳିଗୁଲଜ କରିଥିଲେ। ପରେ ଏକ ଧାରୁଆ ଅସ୍ତ୍ରରେ ମାନସଙ୍କ ଉପରେ ସେମାନେ ଆକ୍ରମଣ କରିଥିଲେ। ଭୟଭୀତ ହୋଇ ସେଠାରୁ ଜୀବନ ବଞ୍ଚାଇ ଦୌଡି ପଳାଇଥିଲେ ମାନସ । ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗଛି।

### ଲାଠୋର ଧନୁଯାତ୍ରା: କୃଷ୍ଣଜନ୍ମ

ଲାଠୋର,୨୫।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ୧୪ତମ ଧନୁଯାତ୍ରା ମହୋତ୍ସବର ସୋମବାର ଥିଲା ତୃତୀୟ ରଜନୀ। ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟରେ କୃଷ୍ଣ ଜନ୍ମ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ରବିବାର ଦ୍ୱିତୀୟ ରଜନୀରେ ଉଗ୍ରସେନ ଗାଦିଚ୍ୟୁତ, ଯୁବରାଜ କଂସଙ୍କ ସିଂହାସନ ଆରୋହଣ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ଶନିବାର ଧନୁଯାତ୍ରା ବିଧିବଦ୍ଧଭାବେ ଉଦ୍‌ଘାଟିତ ହୋଇଥିଲା। ଝାଙ୍କର ଅଲେଖ ଖର୍ସେଲ ବସ୍ତ୍ରେନ ଦେବୀଙ୍କ ପୂଜାର୍ଚ୍ଚନା ପରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଜୟଶ୍ରୀ ଭଇଁଷାଲ ମହୋତ୍ସବର ଶୁଭାରମ୍ଭ କରିଥିଲେ। ଜୟ ମା’ ବସ୍ତ୍ରେନ ଧନୁଯାତ୍ରା କମିଟି ସଭାପତି ହରି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କମିଟି ଉପସଭାପତି ବିଦ୍ୟାଧର ଗୁର୍ଲା, ସମ୍ପାଦକ ସଚ୍ଚିକାନ୍ତ ଦାସ, ସହସମ୍ପାଦକ ନୀଳମଣି ବେହେରା, ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୩୧ତାରିଖ ଯାଏ ହେବାକୁ ଥିବା ଧନୁଯାତ୍ରାରେ କଂସ ଭୂମିକାରେ ସୁଶୀଲ ମେହେର ଅଭିନୟ କରୁଛନ୍ତି। ମହାମନ୍ତ୍ରୀ ଭୂମିକାରେ ଶ୍ୟାମସୁନ୍ଦର ପୋଢ, ସେନାପତି ଦଶରଥ ଦନ୍ତା ରହିଛନ୍ତି।

### ଲକ୍ଷ୍ମୀପୂଜା ଅବସରରେ ଅଷ୍ଟପ୍ରହର ନାମଯଜ୍ଞ

କୋକସରା,୨୫।୧୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତ ମୁନୁଗାପଦର ଗାଁରେ ଶେଷ ମାଣବସା ଗୁରୁବାର ମହାଲକ୍ଷ୍ମୀ ପୂଜା ଉତ୍ସବ ପାଳନ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଦଧିହାଣ୍ଡି ଭଗ୍ନ ସହ ଉଦ୍‌ଯାପିତ ହୋଇଯାଇଛି। ଗତ ମଙ୍ଗଳବାର ଅଧିବାସ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ବୁଧବାର ଲକ୍ଷ୍ମୀ ପୁରାଣ ପଠନ, ଶୁକ୍ରବାର ସନ୍ଧ୍ୟାରେ ନାମଯଜ୍ଞ ପାଇଁ ଅଧିବାସ ଓ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଶନିବାର ସକାଳୁ ନାମ ଆରମ୍ଭ ହୋଇଥିଲା। ଲକ୍ଷ୍ମୀ ପୂଜା କର୍ତ୍ତା ରଘୁନାଥ ନାଗ ସ୍ତ୍ରୀ ଦେମତି ନାଗ ଓ ନାମଯଜ୍ଞ ପୂଜା କର୍ତ୍ତା ଭାବେ ଅର୍ଜୁନ ଅଗ୍ରୱାଲ ଓ ସ୍ତ୍ରୀ ମିନା ଅଗ୍ରୱାଲ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଧର୍ମଗଡ଼ ବିଧାୟକ ମୌଷଧି ବାଗ, ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଭାଜପା ନେତା ବିଜୟଦେ ସାହୁ, ସୁଧୀର ପାଙ୍ଗଯୋଷୀ, ଯାଦବ ସମାଜ ମହିଳା ନେତ୍ରୀ ରଶ୍ମିରେଖା ରାଉତ, ସ୍ଥାନୀୟ ସରପଞ୍ଚ ହରିପ୍ରିୟା ନାଗ ଉପସ୍ଥିତ ରହି ଭଗବାନଙ୍କ ସାନିଧ୍ୟ ଲାଭ କରିଥିଲେ। ପୂଜା କମିଟିର ସଭାପତି ଡିଙ୍ଗର ନାଗ, ଉପସଭାପତି ଦେବୀ ସିଂ ନାଗ, ସମ୍ପାଦକ ମଧୁସୂଦନ କଟା, ସହ ସମ୍ପାଦକ ଉଗ୍ରେ ନାଗ, କୋଷାଧ୍ୟକ୍ଷ ଶୁକ୍ରୁ ନାଗ, ଗୋରାଙ୍ଗ ନାଗ, ବଂଶୀଧର ନାଗ, ପୂର୍ଣ୍ଣଚନ୍ଦ୍ର କଟା, ପୁରୁଷୋତ୍ତମ ନାଗଙ୍କ ସହ ମୁନୁଗାପଦର ଗ୍ରାମବାସୀ ସହଯୋଗ କରିଥିଲେ।

# ମଶାଲ ଯାତ୍ରାରେ ଦୁଲୁକିଲା ଦଣ୍ଡପାଟ

**ଦଣ୍ଡପାଟ ଧନୁଯାତ୍ରା**

- ଢେମସା ନୃତ୍ୟ, ଆଦିବାସୀ ଲୋକ ନୃତ୍ୟ ପରିବେଷଣ
- ବେହେରା ହେଲା ମଥୁରା ନଗରୀ
- ଚାଲିବ କଂସଙ୍କ ରାଜୁତି

ବେହେରା,୨୫।୧୨(ଭୂପେଶ ତିୱାରୀ)



ଦଣ୍ଡପାଟ ଧନୁଯାତ୍ରା ପାଇଁ ମଶାଲ ଶୋଭାଯାତ୍ରାରେ ସାମିଲ ଜନସାଧାରଣ।

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ହାଇସ୍କୁଲ ପଡିଆଠାରେ ଷଷ୍ଠତମ ଦଣ୍ଡପାଟ ଧନୁଯାତ୍ରା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମଧ୍ୟାହ୍ନ ସମୟରେ ଦନ୍ତେଶ୍ୱରୀଙ୍କ ପୂଜନ ପୂର୍ବକ ମନ୍ଦିରଠାରୁ ଏକ ଭବ୍ୟ ମଶାଲଯାତ୍ରା ବାହାର କରାଯାଇ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ଧର୍ମଗଡ଼ ବିଧାୟକ ମୌସୁଧି ବାଗ, ବେହେରା ସରପଞ୍ଚ କୁମୁଦିନି ଗଇଁତା, ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରି, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ତିୱାରୀ, ନାଏବ ସରପଞ୍ଚ ଚିକେଶ୍ୱର ଗୋପାଳ, ଗୌରବାଗ, ଦଣ୍ଡପାଟ ମହିଳା ମଣ୍ଡଳ ତଥା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଏହି ମଶାଲ ଯାତ୍ରାରେ ସାମିଲ ହୋଇଥିଲେ। କୋରାପୁଟର ମହିଳାମାନଙ୍କ ଢେମସା ନୃତ୍ୟ ଓ ଆଦିବାସୀ ଲୋକ ନୃତ୍ୟରେ ଦୁଲୁକି ଯାଇଥିଲା ଦଣ୍ଡପାଟ ଅଞ୍ଚଳ। ପ୍ରଥମ ସନ୍ଧ୍ୟାରେ ଧର୍ମଗଡ଼ ବିଧାୟକ ମୁଖ୍ୟ ଅତିଥି ଭାବରେ କଂସଙ୍କ ଦରବାରରେ ଉପସ୍ଥିତ ହୋଇ ଆୟୋଜକ କମିଟିକୁ ପ୍ରଶଂସା କରିଥିଲେ। ଦଣ୍ଡପାଟର ଯୁବକମାନଙ୍କ ପ୍ରବଳ ଇଚ୍ଛାଶକ୍ତି ଧନୁଯାତ୍ରାକୁ ବିକାଶର ଯାତ୍ରାରେ ପରିଣତ କରିଦେଇଛି। ଏହି ମଞ୍ଚରେ ନେତା, ମନ୍ତ୍ରୀ ପ୍ରଶାସନିକ ଅଧିକାରୀଙ୍କୁ ନିମନ୍ତ୍ରଣ କରି ଅଞ୍ଚଳର ବିଭିନ୍ନ ସମସ୍ୟାକୁ ଉପସ୍ଥାପନ ପୂର୍ବକ ସମାଧାନର ପ୍ରତିଶ୍ରୁତି ସାଉଁଟି ଧନୁଯାତ୍ରା ଦଣ୍ଡପାଟର ଗଣଉତ୍ସବରେ ପରିଣତ କରି ଦେଇଥିବାରୁ ଯୁବଜମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ପ୍ରଥମ ସନ୍ଧ୍ୟାରେ ଉଗ୍ରେସନଙ୍କ ଗାଦିଚ୍ୟୁତ, ଦେବକୀ-ବସୁଦେବ ବିବାହ ଓ କଂସଙ୍କ ରାଜ୍ୟାଭିଷେକ ମଞ୍ଚସ୍ଥ ହୋଇଥିଲା। ଆୟୋଜକ କମିଟିର ସଭାପତି ବାଳକୃଷ୍ଣ ବିଶି, ସମ୍ପାଦକ କାହ୍ନା ଭୋଇ, କୋଷାଧ୍ୟକ୍ଷ ଭବାନୀ ବାରିକ, ବିନ୍ଦୁସାର ବିଶି, ତ୍ରିଲୋକ ସିଂହ, ଉପେନ୍ଦ୍ର ନାଏକ, ଭବେଶ ଗଈନ୍ତା, କ୍ଷୀରସିନ୍ଧୁ ବାଗ,ଚନ୍ଦ୍ରକାନ୍ତ ରଣା, ଅଭୟ ସିଂହ ରାଜପୁତ, ଲଳିତ ବାଣୁଆ, ରଜନୀକାନ୍ତ ନାଏକ ସମେତ ଅନ୍ୟାନ୍ୟ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଏହି ମହୋତ୍ସବ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ମୀନାବଜାର ସମେତ ରଙ୍ଗୀନ ଆଲୋକମାଳା ସାଜସଜ୍ଜା ଓ କଂସଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରୁଥିବା ଦେଖାଯାଇଥିଲା।

## ହାତୀ ସୁରକ୍ଷା ପାଇଁ ସଚେତନତା ରାଲି

ଲୋଇସିଂହା,୨୫।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବନ ବିଭାଗ ପକ୍ଷରୁ ଲୋଇସିଂହା ସେକ୍ସନର ବିଭିନ୍ନ ଗ୍ରାମରେ ହାତୀ ସୁରକ୍ଷା ପାଇଁ ସଚେତନତା ରାଲି ସୋମବାର ଅନୁଷ୍ଠିତ ହୋଇଯାଇଛି। ଡିଏଫଓ ନୀତିଶ କୁମାରଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର ପାଉଲ ହରପାଲ ଓ ଫରେଷ୍ଟର ବାବୁଲା ଦାଶଙ୍କ ନେତୃତ୍ୱରେ ଗଜ ସାଥୀ, ପାରାସ୍କ୍ୱାଡ, ଫରେଷ୍ଟ ଗାର୍ଡ ଆଦି କର୍ମଚାରୀ ଭାଲୁପାଲି, କଦଳୀପାଲି ସମେତ ହାତୀ ଉପଦ୍ରବ ଯୋଗୁ ପ୍ରଭାବିତ ଗାଁରେ ବାଇକ ରାଲି, ଡାକ ବାଜିଯନ୍ତ୍ରରେ ଲୋକଙ୍କୁ ଜନ ଜାଗରଣ କରିଥିଲେ। ରାତି ଏବଂ ଭୋର ସମୟରୁ ପଦାକୁ ନ ବାହାରିବାକୁ ଅନୁରୋଧ କରିଥିଲେ। ହାତୀଙ୍କ ସୁରକ୍ଷା ପାଇଁ ଜଙ୍ଗଲ ନ କାଟିବା ଓ ନିଆଁ ନ ଲଗାଇବାକୁ ପରାମର୍ଶ ଦେଇଥିଲେ।



ହାତୀ ସୁରକ୍ଷା ପାଇଁ ସଚେତନତା କରାଯାଉଛି।

## ଧାନବିକ୍ରିରେ ସମସ୍ୟା ହେଲେ ଆନ୍ଦୋଳନ



ଦେଓଗାଁ ପାକ୍ସରେ ରାଜ୍ୟ କିଷାନ କଂଗ୍ରେସ ପ୍ରତିନିଧି ଦଳ ସୁରୁଖୁର ଧାନ ବିକ୍ରି ନେଇ ଆଲୋଚନା କରୁଛନ୍ତି।

ଦେଓଗାଁ,୨୫।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

**ଦେଓଗାଁ ପାକ୍ସରେ ରାଜ୍ୟ କିଷାନ କଂଗ୍ରେସ ପ୍ରତିନିଧିଦଳ**

ବଲାଙ୍ଗୀର ଜିଲା ଦେଓଗାଁ ପ୍ରାଥମିକ କୃଷିସେବା ସମବାୟ ସମିତିକୁ ସୋମବାର ରାଜ୍ୟ କଂଗ୍ରେସ କିଷାନ ସେଲର ଏକ ଟିମ୍ ପରିଦର୍ଶନ କରିଥିଲେ। ରାଜ୍ୟ କିଷାନ କଂଗ୍ରେସ ସଭାପତି ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ପାଦକ ସରୋଜ କୁମାର ରଥ, ଜିଲା ସଭାପତି ସାନନ୍ଦ କୁମାର ମିଶ୍ର, ଜିଲା କିଷାନ କଂଗ୍ରେସ କୋଷାଧ୍ୟକ୍ଷ ଜୁଲୁ ପଟ୍ଟନାୟକ ପରିଦର୍ଶନ କରି ଚାଷୀଙ୍କ ସହ ଧାନ ବିକ୍ରି ବିଷୟରେ ଆଲୋଚନା କରିଥିଲେ। ଏହାସହ ପାକ୍ସ ସମ୍ପାଦକ ହିମାଂଶୁ ଶେଖର ପଟ୍ଟନାୟକ ଓ ଡିଇଓ ଶ୍ରୀକାନ୍ତ ସାହୁଙ୍କୁ ଧାନକ୍ରୟ ବିଷୟରେ ସବିଶେଷ ପଚାରି ବୁଝିଥିଲେ। ଚାଷୀଙ୍କ ଧାନବିକ୍ରିରେ କୌଣସି ସମସ୍ୟା ତଥା ଅଧିକ କଟ୍‌ନି ହେଲେ ପାକ୍ସରେ ତାଲା ପକାଇ ଆନ୍ଦୋଳନ କରିବ ବୋଲି କିଷାନସେଲ ବୋଲି ଚେତାବନୀ ଦେଇଛି। ନିୟମାନୁସାରେ ଚାଷୀଙ୍କୁ ଅଖାବସ୍ତା ପ୍ରତି ୮ଟଙ୍କା ଦେବା କଥା। ଏହାସହ ଗାଡିଭଡା କିଲୋମିଟର ପିଛା ୩୨ଟଙ୍କା ରହିଛି । ଏହାସହ ଶ୍ରମିକ ଖର୍ଚ୍ଚ ମଧ ପାକ୍ସ ବହନ କରିବାର ନିୟମ ରହିଛି। ହେଲେ ଅନେକ ପାକ୍ସରେ ଏହି ସୁବିଧା ଚାଷୀଙ୍କୁ ଦିଆଯାଉନାହିଁ । ଏହି ଅର୍ଥ ସିଧାସଳଖ ମିଲର୍ସ ଓ ପାକ୍ସ କର୍ତ୍ତୃପକ୍ଷ ବାଟମାରଣ କରୁଛନ୍ତି ବୋଲି କହିଥିଲେ । ଏଣୁ ଆଗକୁ ଚାଷୀ ସଚେତନ ହେଲେ ଏହାର ପ୍ରତିବାଦ କରାଯିବ ବୋଲି କହିଥିଲେ । ପାକ୍ସରେ ଧାନ ପକାଇ ରଖୁଥିବାରୁ ଚାଷୀମାନେ ବାଧ୍ୟବାଧକତାରେ ମିଲର୍ସଙ୍କ ନିକଟକୁ ଧାନ ନେଉଛନ୍ତି। ମିଲର୍ସ ବିଭିନ୍ନ ଆଳ ଦେଖାଇ କୁଇଣ୍ଟାଲ ପ୍ରତି ୫ରୁ ୧୦ କେଜି ପର୍ଯ୍ୟନ୍ତ କଟ୍‌ନି କରୁଥିବା ପ୍ରତିନିଧି ଦଳ କହିଛନ୍ତି। ବ୍ଲକ କିଷାନ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ତାଣ୍ଡି, ବ୍ଲକ ଯୁବ କଂଗ୍ରେସ ସଭାପତି ସମୀର କୁମାର ସାହୁ, ଜ୍ୱାଲା ପୋଢ଼, ଶିବ ପ୍ରସାଦ ପଣ୍ଡା ଓ ଚାଷୀମାନେ ଉପସ୍ଥିତ ଥିଲେ ।

## ୭ ଦାଦନ ଶ୍ରମିକ ଉଦ୍ଧାର, ମଧ୍ୟସ୍ଥ ଗିରଫ

ଖପ୍ରାଖୋଲ, ୨୫।୧୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ ଦର୍ଲିପାଲି ପଞ୍ଚାୟତ ଗୋଡ଼ଭଙ୍ଗା ଗାଁ ନିକଟରୁ ସ୍ଥାନୀୟ ପୋଲିସ ୭ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଚାଲାଣରେ ସମ୍ପୃକ୍ତ ମଧ୍ୟସ୍ଥଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ରବିବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଙ୍ଗ କରୁଥିବା ବେଳେ କେତେକ ଶ୍ରମିକଙ୍କୁ ବାଇକରେ ଚାଲାଣ ହେଉଥିବା ଦେଖି ପଚରାଉଚରା କରିଥିଲା। ଶ୍ରମିକମାନଙ୍କୁ ତେଲଙ୍ଗାନାର ଏକ ଇଟାଭାଟି କୁ ଚାଲାଣ ହେଉଥିବା ଜାଣି ଉଦ୍ଧାର କରିଥିଲେ। ଉଦ୍ଧାର ଶ୍ରମିକଙ୍କ ମଧ୍ୟରୁ ୨ଜଣ ମହିଳା ଓ ୫ଜଣ ପୁରୁଷ ରହିଛନ୍ତି। ଉଦ୍ଧାର ଶ୍ରମିକ ଗୋଡଭଙ୍ଗା ଗାଁର ବୋଲି ଜଣାପଡିଛି। ଉଦ୍ଧାର ଶ୍ରମିକଙ୍କୁ ସେମାନଙ୍କ ଗାଁକୁ ପଠାଇ ଦିଆଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ମାମଲା(୨୭୩/୨୩)ରୁଜୁ କରି ମଧ୍ୟସ୍ଥ ବେଲପଡ଼ା ଥାନା କପାଣି ଗାଁର ମହେନ୍ଦ୍ର ସୁନା(୩୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚାଲାଣରେ ବ୍ୟବହୃତ ଦୁଇ ବାଇକୁ ଜବତ କରିଥିବା ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ ସୂଚନା ଦେଇଛନ୍ତି।

## ବିଜ୍ଞାନ ମେଳାରେ ୨୯୦ ପ୍ରକଳ୍ପ

ବଲାଙ୍ଗୀର,୨୫।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଷ୍ଣୁମୁଣ୍ଡା ସ୍ଥିତ ଏକାଡେମିକ୍ ହାଇଟ୍ ସ୍କୁଲରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏହି ମେଳାରେ ସ୍କୁଲର ୟୁକେଜି ଶ୍ରେଣୀରୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ୨୯୦ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ନିର୍ଦ୍ଦେଶକ ଅଜିତ କୁମାର ଶତପଥି, ଅର୍ଚ୍ଚନା ଶତପଥି, ଅଧ୍ୟକ୍ଷ ଅନନ୍ତ କୁମାର ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମେଳାରେ ବିଚାରକଭାବେ ଅବସରପ୍ରାପ୍ତ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ, ସଦାଇପାଲି ହାଇସ୍କୁଲ ଶିକ୍ଷକ ସୁଧାନିଧି ମିଶ୍ର, ତଲିଉଡାର ହାଇସ୍କୁଲ ଶିକ୍ଷକ ବିଷ୍ଣୁପ୍ରସାଦ ମିଶ୍ର ଓ କୁରୁଲ ରାମଜୀ ହାଇସ୍କୁଲ ଶିକ୍ଷକ ଆନନ୍ଦ କୁମାର ସାହୁ ଯୋଗଦେଇ ପ୍ରତିଟି ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। କୁନି ବୈଜ୍ଞାନିକମାନେ ସେମାନଙ୍କ ନିଜସ୍ୱ ପ୍ରକଳ୍ପ ଉପରେ ସୂଚନା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଭିତରେ ବିଜ୍ଞାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଏକ ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀରେ ପ୍ରତିଟି ରହସ୍ୟକୁ ଉନ୍ମୋଚନ କରିବା ଦିଗରେ ବିଜ୍ଞାନ ମେଳା ଏକ ଲୋକପ୍ରିୟ ମାଧ୍ୟମ ବୋଲି ସ୍କୁଲ ନିର୍ଦ୍ଦେଶିକା ଅର୍ଚ୍ଚନା ଶତପଥି ଓ ସ୍କୁଲ ଅଧ୍ୟକ୍ଷ ଗିରି କହିଥିଲେ। ବିଜ୍ଞାନ ମେଳାକୁ ଅଭିଭାବକ ଓ ଅନ୍ୟ ଛାତ୍ରୀଛାତ୍ରମାନେ ବୁଲି ଦେଖିଥିଲେ।



ବିଚାରକମାନେ ବୁଲି ଦେଖିବା ସହ ପ୍ରକଳ୍ପ ମୂଲ୍ୟାୟନ କରୁଛନ୍ତି।

## ବୁଢ଼ୀ ମାଉଳୀ ଫୁଟବଲ: ରାୟପୁର ଚାମ୍ପିୟନ

ଲୋଇସିଂହା,୨୫।୧୨(ସୁଶାନ୍ତ ବାରିକ)

ମାଉଳୀ ମହୋତ୍ସବ ଉପଲକ୍ଷେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମୁଣ୍ଡେ ଭାଲିଆଟିକ୍ରା ଖେଳପଡିଆରେ ବୁଢୀ ମାଉଳୀ ମହିଳା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳ ବରଗଡ ଓ ରାୟପୁର ମଧ୍ୟରେ ଖେଳାଯାଇଥିଲା। ଏଥିରେ ୨-୦ ଗୋଲରେ ରାୟପୁର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ କମିଟି ଅଧ୍ୟକ୍ଷ ରାଜେନ୍ଦ୍ର ଦୀପ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି ଜିଲା ସଭାପତି ସରୋଜ କମ୍ପ ମୁଖ୍ୟଅତିଥି, ଅବସରପ୍ରାପ୍ତ ପୋଲିସ ଅଧିକାରୀ ହେମସାଗର ନନ୍ଦ, ସାମାଜିକ କର୍ମୀ ବାବୁଲା କମ୍ପ, ଡା. ଗିରି ମହାନନ୍ଦ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଚାମ୍ପିୟନ ରାୟପୁର ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନର ଅପ୍ ବରଗଡ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ଦେଇ ଆୟୋଜକ ପୁରସ୍କୃତ କରିଥିଲେ। ସଭାପତି ଦୁଃଶାସନ ମହାକୁର ପୁରସ୍କାର ବିତରଣ ଉତ୍ସବର ସଂଯୋଜନା କରିଥିଲେ। ବଲାଙ୍ଗୀର ସାଇଟର ସମ୍ପାଦକ ନାରାୟଣ ମିଶ୍ର ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ ।



ଉଦଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ଅକ୍ଷତ ବିତରଣ ଉତ୍ସବ

ଲୋଇସିଂହା,୨୫।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ରାମ ମନ୍ଦିରରେ ଅକ୍ଷତ ବିତରଣ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଯୋଧାରୁ ଆସିଥିବା ଅକ୍ଷତ ନିମନ୍ତ୍ରଣ କଳସର ନ୍ୟାସ କାର୍ଯ୍ୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶ୍ୱହିନ୍ଦୁ ପରିଷଦର ଲୋଇସିଂହା ଖଣ୍ଡ ସଂଘ ଚାଳକ ବୈବଶୃତ ବିଶ୍ୱାଳ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଯଜ୍ଞ ଉତ୍ସବରେ ଲୋଇସିଂହା ରାମ ମନ୍ଦିର ମଠାଧିଶ ଲକ୍ଷ୍ମୀନାରାୟଣ ଦାସ, କୁଶମେଲ ମଠର ହନୁମାନ ଦାସ, ମୁରଲୀ ବାବା, ବିଶ୍ୱହିନ୍ଦୁ ପରିଷଦର ପବିତ୍ର ଦାସ, ସୌମ୍ୟ ରଞ୍ଜନ ମିଶ୍ର, ବଜରଙ୍ଗ ଦଳ ପ୍ରମୁଖ ରାମଚନ୍ଦ୍ର ପଟେଲ, ଲୋଇସିଂହା ସଂଯୋଜକ ଗୌର ନିତଇ ପତ୍ରିମାଲି, ଅବିନାଶ ମିଶ୍ର ଅକ୍ଷତ ବଣ୍ଟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## କୋକସରା ମଣ୍ଡିରେ ୩ ପଞ୍ଚାୟତର ଧାନ ବିକ୍ରି

କୋକସରା,୨୫।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

**ମଣ୍ଡିରେ ସ୍ଥାନ ଅଭାବରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ**

କଳାହାଣ୍ଡି ଜିଲାରେ ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଗତ ନଭେମ୍ବର ୨୯ରୁ ଆରମ୍ଭ ହୋଇଛି। କୋକସରା ଧାନ ମଣ୍ଡିରେ ଦେଖାଦେଇଛି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ। ଏହି ମଣ୍ଡିରେ କୋକସରା ପାକ୍ସ ଅଧୀନରେ ୩ପଞ୍ଚାୟତ କୋକସରା, ମାଝିଗୁଡା ଓ ରେଙ୍ଗାଲପାଲିର ଚାଷୀ ଧାନ ବିକ୍ରି ପାଇଁ ବ୍ୟବସ୍ଥା ରହିଥିବାବେଳେ ଚାଷୀଙ୍କ ବିକ୍ରି ଧାନ ପାଇଁ ମଣ୍ଡିରେ ଆବଶ୍ୟକ ସ୍ଥାନ ଅଭାବରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚଳିତବର୍ଷ କୋକସରା ପାକ୍ସରେ ୩ ପଞ୍ଚାୟତର ୧୫୨୫ ଜଣ ଚାଷୀ ଧାନ ବିକ୍ରି ପାଇଁ ଅନଲାଇନ ରେଜିଷ୍ଟ୍ରେସନ କରିଥିଲେ। ଶନିବାର ସୁଦ୍ଧା ୫୮୨ ଚାଷୀଙ୍କ ୨୩,୧୦୬.୫୨ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। ମଣ୍ଡିରେ ୮୦ ହଜାର କୁଇଣ୍ଟାଲ ଟାର୍ଗେଟ ରହିଥିବା ବେଳେ ୭ଟି ମିଲ୍ ଟେଗ କରାଯାଇଛି। ଦୈନିକ ୨ ହଜାରରୁ ୨୫ ଶହ କୁଇଣ୍ଟାଲ ଧାନ କ୍ରୟ ହେଉଥିବାବେଳେ ବର୍ତ୍ତମାନ ମଣ୍ଡିରେ ୧୦ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ପଡିରହିଛି। ଅନ୍ୟପଟେ ମଣ୍ଡିରେ ସ୍ଥାନ ଅଭାରୁ ଅନେକ ଚାଷୀ ମଣ୍ଡିକୁ ଟୋକନ ଅବଧି ଥାଇ ମଧ ଧାନ ଆଣି ପାରୁନାହାନ୍ତି। ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ହାଡଭଙ୍ଗା ଶୀତ କାକରରେ ଦୀର୍ଘ ଦିନ ଧରି ମଣ୍ଡିରେ ପଡି ରହୁଥିବା ଅଭିଯୋଗ କରିଛନ୍ତି। ତେବେ ତିନି ପଞ୍ଚାୟତରେ ସ୍ୱତନ୍ତ୍ର ମଣ୍ଡି ଖୋଲିଲେହିଁ ଚାଷୀ ସୂଚାରୁ ରୂପେ ଧାନ ବିକ୍ରି କରିପାରିବେ ବୋଲି ଚାଷୀନେତା ଶିବ ପ୍ରସାଦ ପ୍ରଧାନୀ ସମେତ ଚାଷୀ ଲକ୍ଷ୍ମୀ ପ୍ରଧାନୀ, ପ୍ରକାଶ ଚୌଧୁରୀ, ସୀମାଞ୍ଚଳ ବେହେରା, ବାବୁ ସାହୁ, ଧନେଶ୍ୱର ଗୋପାଳ, କ୍ଷୀରସିନ୍ଧୁ ନେଗି, ଅଜିତ ପ୍ରଧାନୀ, ସୁନିଲ ପ୍ରଧାନୀ, ଜୟଲାଲ ନାଏକ, ସୁଶାନ୍ତ ନିଆଳ, ନବୀନ କିଶୋର ପ୍ରଧାନୀ, ସନତ ପ୍ରଧାନୀ, ପ୍ରଦୀପ ପାଙ୍ଗଯୋଷୀ ଦାବି କରିଛନ୍ତି। ଏ ଦିଗରେ ଜିଲା ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୋକସରା, ମାଝିଗୁଡା ଓ ରେଙ୍ଗାଲପାଲି ପଞ୍ଚାୟତରେ ସ୍ୱତନ୍ତ୍ର ଅଲଗା ଅଲଗା ମଣ୍ଡି ଖୋଲି ଚାଷୀଙ୍କ ଧାନ ସଂଗ୍ରହ କରିବାକୁ ଦାବି କରିଛନ୍ତି।



କୋକସରା ମଣ୍ଡିରେ ଧାନ ଜମା ହୋଇଛି।

**PANCHAYAT DEGREE MAHAVIDYALAYA, BELKHANDI**

At/P.O.: Belkhandi, Via: Kesinga, Dist.: Kalahandi, PIN - 766012

Mobile No.: 6370194173

**WANTED**

The undersigned invites applications with suitable resume, qualifying documents and two passport size photograph from eligible candidates securing 55% of marks at the P.G. Level for the Post of Lecturer-in-Economics within 15 days after publication of this advertisement.

Sd./- Principal I/c cum Secretary
Panchayat Degree Mahavidyalaya, Belkhandi

**ZILLA PARISHAD (DRDA), BALANGIR**

No. 444/ORMAS Ph. No.: 06652 (235916) Dated: 22.12.2023

**SHORT TENDER CALL NOTICE**

Zilla Parishad (DRDA), Balangir on behlaf of PR&DW Deptt., Govt. of Odisha invite proposal with certain terms & conditions from reputed & registered Tent Houses/ firms/agencies/decorators/Transport agencies/security agencies having GSTIN No. may apply for the Tentage & allied works/security services/Photo & Videography/ Local transportaion/printing of Flex Hoardings & Banners for the Pallishree Mela to be organized at Koshal Kalamandal Ground, Balangir for 5 days during the month of January 2024.

The tender papers only for Tentage & allied works will be available for purchase from 26th December 2023 to 3rd January 2024 during official day of office hour in the accounts section of ORMAS, Balangir. Details documents, terms & conditions on apply for tentage & allied work is mentioned in the tender paper. The sealed tenders will be received latest upto 5.00 P.M. on 03.01.2024 at Office of Zilla Parishad (DRDA), Balangir in the tender box. The tenders will be opened in the Office of Zilla Parishad (DRDA), Balangir on 04.01.2024 at 11.30 A.M. in the presence of the tenderers or their authorized representatives. If it will found that the quoted amount of L1 party will be exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.

Sd./- CDO-cum-EO, Zilla Parishad, Balangir

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏନ୍‌ଆଇଟି/୧୪/୨୩/୬୨, ତାରିଖ: ୧୯।୧୨।୨୦୨୩

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲାଯିବାର ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୨୨୩୧୮୫୭ | ବୁଲ୍ ଗିୟର୍ ୧୦୭ ଟିଥ୍ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୧୪ ଗୋଟି |
| ୨ | ୦୩୨୩୩୨୫୭ବି | ସାଇଡ୍ ବଡି ଷ୍ଟାନ୍ସିୟନ୍ କମ୍ପ୍ଲିଟ୍ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୨୦୧ ଗୋଟି |
| ୩ | ୦୬୨୩୦୦୯୮ | ୧ ମିଟର ଲମ୍ବ ଫିଶ୍ ପ୍ଲେଟ୍ ୬୦ କିଗ୍ରା ରେଳ ପାଇଁ | ୦୮।୦୧।୨୦୨୪ ୧୦.୩୦ ଘଟିକା | ୨୨୨୯ ସେଟ୍ |
| ୪ | ୦୬୨୩୦୧୦୦ | ଜଗଲ୍‌ଡ ଫିଶ୍ ପ୍ଲେଟ୍ ୬୦ କିଗ୍ରା ରେଳ ପାଇଁ | ୧୨।୦୧।୨୦୨୪ ୧୦.୩୦ ଘଟିକା | ୨୩୮୩ ସେଟ୍ |
| ୫ | ୦୨୨୩୩୯୮୪ | ଇଣ୍ଟରମିଡିଏଟ୍ ଓଭରହଲିଂ (ଆଇଓଏଚ୍) ରିପ୍ଲେସମେଣ୍ଟ କିଟ୍ | ୧୭।୦୧।୨୦୨୪ ୧୦.୩୦ ଘଟିକା | ୫୫ ସେଟ୍ |
| ୬ | ୦୬୨୩୦୦୮୦ | ମେଟାଲ୍ ଲାଇନର୍ (ଟି-୩୭୪୦) | ୧୭।୦୧।୨୦୨୪ ୧୦.୩୦ ଘଟିକା | ୧୨୩୪୫୮୮ ଗୋଟି |
| ୭ | ୦୨୨୩୩୯୬୧ଏ | ମାଇକ୍ରୋପ୍ରୋସେସର୍ ଆଧାରିତ ଏନର୍ଜି ତଥା ସ୍ପିଡ୍ ମନିଟରିଂ ସିଷ୍ଟମ୍ | ୨୨।୦୧।୨୦୨୪ ୧୦.୩୦ ଘଟିକା | ୧୫ ସେଟ୍ |
| ୮ | ୦୬୨୩୦୦୯୦ | ମେଟାଲ୍ ଲାଇନର୍ (ଟି-୮୬୧୬ ଓ ଟି-୮୬୧୭) | ୨୩।୦୧।୨୦୨୪ ୧୦.୩୦ ଘଟିକା | ୧୫୮୧୮୧ ଗୋଟି |
| ୯ | ୦୬୨୩୦୦୮୮ | ଜିଏଫ୍‌ଏନ୍ ଲାଇନର୍ (ଟି-୩୭୦୬) | ୨୯।୦୧।୨୦୨୪ ୧୦.୩୦ ଘଟିକା | ୯୭୩୯୦୧ ଗୋଟି |
| ୧୦ | ୦୬୨୩୦୦୯୪ | ଓମ୍ପ୍ରୁଭଡ ସୁଇଚ୍ ଏକ୍ସପାନ୍ସନ୍ ଜଏଣ୍ଟ-୬୦ | ୦୫।୦୨।୨୦୨୪ ୧୦.୩୦ ଘଟିକା | ୫୯ ସେଟ୍ |
| ୧୧ | ୦୬୨୩୦୦୮୨ | ୧୦୧୨୫ ମିମି କର୍ଭଡ୍ ସୁଇଚ୍‌ର ନିର୍ମାଣ ଓ ଯୋଗାଣ | ୧୨।୦୨।୨୦୨୪ ୧୦.୩୦ ଘଟିକା | ୨୮ ସେଟ୍ |

ଟେଣ୍ଡର ପାଇଁ ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ନିକଟରେ ସଂରକ୍ଷିତ । ଶୁଦ୍ଧିପତ୍ର ଏବଂ ବିକ୍ରେତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଜ୍ଞପ୍ତି ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ ।

ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦ.ପୂ.ମ. ରେଳପଥ, ବିଳାସପୁର

CPR/10/351

## ସଂକ୍ଷେପରେ

### ମନ୍ଦିର ପ୍ରତିଷ୍ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ



ଅତାବିରା,୨୫।୧୨(ହୃଷୀକେଶ ଖମାରୀ): ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ବୁଗବୁଗା ଗ୍ରାମରେ ଶ୍ରୀ ଶ୍ରୀ ଉମା ମହେଶ୍ୱର ମନ୍ଦିର ପ୍ରତିଷ୍ଠା ସମାରୋହ ଚାଲିଛି। ଏହି ଅବସରରେ ଶିଶୁଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ଯତୀନ୍ଦ୍ର କୁମାର ପ୍ରଥମ, ରୀୟା ଦାଶ ଦ୍ୱିତୀୟ ଏବଂ ସୋୟଗର୍ଗୀ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ହରିଲାଲ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ। ରତନ ଛନ୍ଦ ମଞ୍ଚ ପରିଚାଳନା କରିଥିଲେ।

### ଗୋଏଲବର୍ଣ୍ଣା ମଠର ମଠାଧୀଶ ବାବା ଭୀମ ଦାସଙ୍କ ପରଲୋକ

ସୋନପୁର,୨୫।୧୨(ମୃତ୍ୟୁଞ୍ଜୟ ଶତପଥୀ): ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ବିଶିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଗୋଏଲବର୍ଣ୍ଣା ଗ୍ରାମର ମଠାଧୀଶ ଭୀମ ଦାସ (୭୬)ଙ୍କ ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି । ମହିମା ଧର୍ମାବଲମ୍ବୀ ଦାସ ୨୫ ବର୍ଷ ଧରି ଗୋଏଲବର୍ଣ୍ଣା ଭୀମଭୋଇ ସମାଧିପୀଠ ଖଲିଆପାଲିର ଶାଖା ମଠରେ ମଠାଧୀଶ ଥିଲେ। ପୀଠରେ ପ୍ରତିବର୍ଷ କାର୍ତ୍ତିକ ମାସ ଶୁକ୍ଳ ସପ୍ତମୀ ତିଥିରେ ମହିମା ମେଳା ଆୟୋଜନ କରୁଥିଲେ। ବାବାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ମଠ ପରିସରରେ ବହୁ ସଂଖ୍ୟକ ମହିମା ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ମହିମା ଭକ୍ତ ସଂଘର ସମ୍ପାଦକ ଉତ୍ତମ ସିଂ ନାଗଙ୍କ ନେତୃତ୍ୱରେ ମଠ ପ୍ରାଙ୍ଗଣରେ ସୋମବାର ସମାଧି ଦିଆଯାଇଛି ।



ମଠ ପରିସରରେ ମହିମା ଭକ୍ତଙ୍କ ଗହଣରେ ବାବା ଭୀମ ଦାସ (ଫାଇଲ ଫଟୋ)।

### ଚିନ୍ମୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଯାପିତ

ରାଉରକେଲା,୨୫।୧୨(ଦିନେଶ ମିଶ୍ର): ରାଉରକେଲା ସେକ୍ଟର-୭ ସ୍ଥିତ ଚିନ୍ମୟ ବିଦ୍ୟାଳୟର ୩୮ତମ ଦ୍ୱିଦିବସୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ବାବୁରାମ ମିଶ୍ରଙ୍କ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଇ. ସୁଜାତାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ ନାୟକ ମୁଖ୍ୟ ଅତିଥି, ମନୋରଞ୍ଜନ ଦାଶ ମୁଖ୍ୟବକ୍ତା, ଆର୍‌ଏସ୍‌ପିର ମହାପ୍ରବନ୍ଧକ ଡକ୍ଟର ପ୍ରଶାନ୍ତ କୁମାର ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ଅଙ୍କିତା ନାୟକଙ୍କ ଦ୍ୱାରା ଗୁରୁବନ୍ଦନା ଓ ଜେ. ମହାନ୍ତିଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।

### ୧୯୮୯ ବ୍ୟାଚ୍‌ର ବନ୍ଧୁମିଳନ



ଦେବଗଡ଼,୨୫।୧୨(ଶଶାଙ୍କ ଶେଖର ଝାଙ୍କର): ସ୍ଥାନୀୟ ପ୍ରଧାନପାଟ ଜଳପ୍ରପାତ ନିକଟସ୍ଥ ବସନ୍ତ ନିବାସ ଡାକବଙ୍ଗଳାରେ ସର୍ବ ପୁରାତନ ହାଇସ୍କୁଲ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ୧୯୮୯ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁ ମିଳନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ନବବର୍ଷକୁ ସ୍ୱାଗତ ଜଣାଇବା ସହ ଆଲୋଚନା ମାଧ୍ୟମରେ ଛାତ୍ର ଜୀବନର ଅନୁଭୂତି ସ୍ମୃତିଚାରଣ କରିବାସହ ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲେଚନା କରି ସମସ୍ତେ ଏଥିରେ ସାମିଲ ହୋଇ ଯଥାସମ୍ଭବ ଅସୁବିଧା ସମୟରେ ସହଯୋଗ କରିବେ ବୋଲି ନିଷ୍ପତ୍ତି ନେଇଥିଲେ।

# ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମ୍ମିଳନୀ ସମ୍ପନ୍ନ

ବରଗଡ଼,୨୫।୧୨(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ମହର୍ଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତବାର୍ଷିକୀ ଜୟନ୍ତୀ ଓ ୨ଶହ କୁଣ୍ଡୀୟ ଯଜ୍ଞ ସମ୍ପନ୍ନ ହୋଇଛି। ଡ଼ ଅନ୍ନପୂର୍ଣ୍ଣା ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଯଜ୍ଞରେ ମୁଖ୍ୟକର୍ତ୍ତା ଭାବେ ସଦାଶିବ ସାହୁ ଓ ଡ. ଯଦୁମଣି ନାଏକ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ୨ଶହରୁ ଊର୍ଦ୍ଧ୍ୱ ଯଜମାନ ଉପସ୍ଥିତ ରହିଥିଲେ। ଏହି ଅବସରରେ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆର୍ଯ୍ୟ ସମାଜ ଓ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଅନୁଗାମୀମାନଙ୍କୁ ଉତ୍ସାହିତ କରି ବେଦର ପ୍ରଚାର ପାଇଁ ଆହ୍ୱାନ ଦେଇଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ଉପ ସଭାପତି ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ, ଡଃ ଅନ୍ନପୂର୍ଣ୍ଣା ନନ୍ଦ, ଆଚାର୍ଯ୍ୟ ବରେଣ୍ୟ ବ୍ରହ୍ମଚାରୀ ଗଣନାଥ ନୈଷ୍ଠିକ, ଆଚାର୍ଯ୍ୟ ପୂର୍ଣ୍ଣାନନ୍ଦ ଡ଼ା ଶିବ ଶଙ୍କର ଆଚାର୍ଯ୍ୟ, ପ୍ରେମ ପ୍ରକାଶ ଡଗର ବାନପ୍ରସ୍ଥି, ସଚେତନ ମୁନି ସୁରେଶ ମୁନି, ନାରଦାନନ୍ଦ ସରସ୍ୱତୀ, ବୈଦ୍ୟନାଥ ପାରା, ଆର୍ଯ୍ୟ ସମାଜ ଅଧ୍ୟକ୍ଷ ଯୋଗୀରାଜ ସାହୁ, ସୁରଟ ଆର୍ଯ୍ୟ ସମାଜର ପୁରୁଷୋତ୍ତମ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶା ସଙ୍ଗଠନ ମନ୍ତ୍ରୀ ଧନୁର୍ଦ୍ଧର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ, ସ୍ୱାମୀ ବିଶୁଦ୍ଧାନନ୍ଦ ସରସ୍ୱତୀ, ପଣ୍ଡିତ ଲକ୍ଷ୍ମଣାନନ୍ଦ ସରସ୍ୱତୀ ପ୍ରମୁଖ ବେଦ ଓ ଯଜ୍ଞର ମହତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ବ୍ରହ୍ମଚାରୀ ଧର୍ମୁ, ସୁନିଲ ଆର୍ଯ୍ୟ, ପ୍ରଦୀପ ପଣ୍ଡା, ଅର୍ଜୁନ ସେଟ, ସଂଘମିତ୍ରା ପଟେଲ, ପୁରୁଷୋତ୍ତମ ଜି, ବିଭୀଷଣ ବାନପ୍ରସ୍ଥି, ଶ୍ରୀନିବାସ ପାଠୀଶର୍ମା, ଅଶୋକ ମେହେର, କୋଷାଧ୍ୟକ୍ଷ ରମେଶ ଭୋଇ ସହଯୋଗ କରିଥିଲେ। ସମ୍ପାଦକ ରାଜ କୁମାର ବରାଡ ଧନ୍ୟବାଦ ଅର୍ପଣ କରିଥିଲେ।




ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମ୍ମିଳନୀ ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ।



ଓଡିଆ ବାପ୍ଟିଷ୍ଟ ଚର୍ଚ୍ଚକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି।

## ବଡ଼ଦିନ: ଆଲୋକମାଳାରେ ଝଟକୁଛି ଚର୍ଚ୍ଚ

ସମ୍ବଲପୁର,୨୫।୧୨(ବି.ଶଙ୍କର)

ସମ୍ବଲପୁର ସହର ଓ ଗ୍ରାମାଞ୍ଚଳରେ ସୋମବାର ଆଡମ୍ବର ସହ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ବଡଦିନ ପର୍ବ ପାଳନ କରିଛନ୍ତି। ଚର୍ଚ୍ଚ ପରିସରକୁ ସୁନେଲି, ରୌପ୍ୟ, ସବୁଜ, ନୀଳ ରଙ୍ଗରେ ସଜାଯାଇଛି। ଅପରାହ୍ନରେ ପ୍ରାର୍ଥନା ଶେଷ ପରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ଅଇଁଠାପାଲି ଦୟାସାଗର ପ୍ରାର୍ଥନା ଭବନ, ଲକ୍ଷ୍ମୀଟକିଜ ମୁଣ୍ଡା ବାପଟିଷ୍ଟ ଚର୍ଚ୍ଚ, ଗଙ୍ଗାଧର ମେହେର କଲେଜ ଛକସ୍ଥିତ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ, ସାକ୍ଷୀପଡା କ୍ୟାଥୋଲିକ ଚର୍ଚ୍ଚ, ବିନାଖଣ୍ଡି ସେଣ୍ଟ ଜେମ୍ସ ଚର୍ଚ୍ଚ, କୁଲୁଥକାନୀ ଗୋସନର ଇଏଲ୍ ଚର୍ଚ୍ଚ ଓ ପାଞ୍ଚଗଛିଆ ଚର୍ଚ୍ଚରେ ସ୍ୱତନ୍ତ୍ର ପ୍ରାର୍ଥନା ସହ ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ସମେତ ବୁର୍ଲା ଓ ହୀରାକୁଦର ୮ଟି ଚର୍ଚ୍ଚରେ ମଧ୍ୟ ବଡ଼ଦିନ ପର୍ବ ପାଳିତ ହୋଇଯାଇଛି। ବଡଦିନକୁ ସ୍ୱାଗତ କରିବାକୁ ଭକ୍ତମାନେ ରବିବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ଉଜାଗର ରହିଥିଲେ। ନିର୍ଦ୍ଧାରିତ ସମୟରେ ଭକ୍ତମାନେ ଆତସବାଜି ପ୍ରଦର୍ଶନ କର ବଡଦିନକୁ ସ୍ୱାଗତ କରିଥିଲେ।

## ମନ ମୋହିଲା ଲୋକନାଟ୍ୟ




ଉତ୍ସବରେ ସଞ୍ଚାର କଳା ପ୍ରଦର୍ଶନ କରାଯାଉଛି।

ପଦ୍ମପୁର,୨୫।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ସର୍ଗିବାହାଲ ଢୋଲବନ୍ଧ ଗ୍ରାମର ସଚେତନ ହେମା ଅନୁଷ୍ଠାନ ପକ୍ଷରୁ ମାରଜିନା ଫୋକ ଥିଏଟର ଫେଷ୍ଟିଭାଲ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କୃତ ଗୁରୁ ଆନନ୍ଦ ବାଗ ଯୋଗଦେଇ ବିଶ୍ରାମ ମେହେର, ସ୍ୱର୍ଣ୍ଣକାନ୍ତି ପତି, ରତ୍ନମଣି ଶତପଥି ଓ ପ୍ରଦୀପ୍ତ କିଶୋର ଦାଶଙ୍କୁ ସମ୍ବର୍ଦ୍ଧିତ ହୋଇଥିଲେ। କାର୍ତ୍ତିକ ମହାନନ୍ଦ ଗ୍ରୁପ୍ ଦ୍ୱାରା କରମସାନୀ, ରସିକ ସାହୁ ଦଳ ସଞ୍ଚାର, ଲୀଳା ସୁନା ଦ୍ୱାରା ସଞ୍ଚାର ଓ ମରିକେଲର ପାଲା ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା।

### ୨୦ତମ ରାଜ୍ୟସ୍ତରୀୟ ତିଲେଶ୍ୱର କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୌଦ୍ଧ,୨୫।୧୨(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ବଜାର ଆସୋସିଏଶନ ତିଲେଶ୍ୱର ଆନୁକୂଲ୍ୟରେ ୨୦ତମ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ସୋମବାର ଦିନ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ସ୍ନେହଲତା ପ୍ରଧାନ, ସମ୍ମାନିତ ଅତିଥି ଭାବେ ତିଲେଶ୍ୱର ସମିତି ସଭ୍ୟା ସାବିତ୍ରୀ ବେହେରା. ଲୁଣିବାହାଲ ସରପଞ୍ଚ ଚନ୍ଦ୍ରମା ପ୍ରଧାନ, ରାମଗଡ ସରପଞ୍ଚ ପ୍ରଭାସିନୀ ଯୋଶୀ ଓ ତିଲେଶ୍ୱର ବଜାର ଆସୋସିଏଶନର ସଭାପତି ଅର୍ଜୁନ ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ ସୋନପୁର ଜୟଦୁର୍ଗା କ୍ଲବ ବନାମ ତିଲେଶ୍ୱର ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖେଳ ବହୁ ଚିତ୍ତାକର୍ଷକ ହୋଇଥିବା ବେଳେ ଖେଳରେ ଉଭୟ ଦଳ ଦୁଇଟି ଲେଖାଏ ଗୋଲ ଦେଇ ଖେଳକୁ ବରାବର ସ୍ଥିତିରେ ରଖିଥିଲେ। ଶେଷରେ ଟାଇବ୍ରେକର ଜରିଆରେ ସୋନପୁର ଦଳ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି ।

## ଚାଦର ଶୋଭାଯାତ୍ରା

ତରଭା, ୨୫।୧୨(ମାନଭଞ୍ଜନ ମିଶ୍ର)

**ଫକୀର ବାବାଙ୍କ ୪୧ ତମ ଉର୍ସ ଉତ୍ସବ**

ସୟଦ ସାହା ଅବଦୁଲ ଶକୁରରେହେମ ତୁଲ୍ଲା ଅଲ୍ଲେହ ଓରଫ ଫକୀର ବାବାଙ୍କ ୪୧ତମ ଉର୍ସ ଉତ୍ସବ ପାଳନ ପାଇଁ ସୋମବାର ତରଭାରେ ଚାଦର ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ସହର ମୁଖ୍ୟ ରାସ୍ତାର ଥାନା, ମାରୱାଡି ପଡା, ମେହେର ପଡା ରଥଛକ, ନୂଆଁପଡା ଛକ, ବାଳିକା ହାଇସ୍କୁଲ ଦେଇ ମଜାର ପରିସରରେ ପହଞ୍ଚି ଥିଲା। ସେଠାରେ ଫକୀର ବାବାଙ୍କ ସମାଧି ପୀଠରେ ସମସ୍ତ ଚାଦର ଚଢା ଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଶୋଭାଯାତ୍ରାରେ କମିଟିରେ ବଡ଼ ଚାଦର ସମେତ ବହୁ ଚାଦର ସାମିଲ ଥିଲା । ଛତିଶଗଡ ରାଜନନଗାଁଓ ଅଞ୍ଚଳ କଳାକାରଙ୍କ ବାଜାର ତାଳେ ତାଳେ ମୁସଲମାନ ଭକ୍ତମାନେ ନାଚ ଗୀତ କରୁଥିବାର ଦେଖାଯାଇଥିଲା । ଏହି ଅବସରରେ ନମାଜ ପାଠ କରାଯାଇଥିଲା। ବାହାର ରାଜ୍ୟରୁ ଆସିଥିବା ମୁସଲମାନ ମୌଲବୀମାନେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ମଜାର ଓ ମସଜିଦ କମିଟି ସଭାପତି ଅଜନ ବିଖାନ, ଆକବର ଅଲ୍ଲୀ, ନବାବ ଖାନ, ଏହେସାନ ଖାନ, ମୁକ୍ତାର ଖାନ, ମୁଜାଫର ଖାନ, ନସାଦ ମହମ୍ମଦ, ଏଯାଜା ଖାନଙ୍କ ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ । ମଙ୍ଗଳବାର ରାତିରେ ସାମୁହିକ ପ୍ରାର୍ଥନା ପରେ ଉର୍ସ ଉତ୍ସବ ଉଦ୍‌ଯାପିତ ହେବ ।



ଚାଦର ଶୋଭାଯାତ୍ରା ଅବସରରେ ଶ୍ରଦ୍ଧାଳୁମାନେ।

# ଗୁଣାତ୍ମକ ଶିକ୍ଷା ଆତ୍ମନିର୍ଭରଶୀଳ ଦେଶ ଗଠନ କରିବ

ସୁନ୍ଦରଗଡ,୨୫।୧୨(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସଂସ୍କୃତି ଭବନଠାରେ ହେଲୋ କିଡ୍ସ ଓ ରିଭରଷ୍ଟୋନ ବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଯୋଗଦେଇ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିବା ସହ ପ୍ରାରମ୍ଭିକ ଶିକ୍ଷାରମାନ କାଲିର ସୁନାଗରିକ ଗଠନ କରି ଏକ ଆତ୍ମ ନିର୍ଭରଶୀଳ ଦେଶର ସ୍ୱପ୍ନକୁ ସାକାର କରିପାରିବ ବୋଲି କହିଥିଲେ। ଉପଆରକ୍ଷୀ ଅଧିକ୍ଷକ ଅମୃତା ନନ୍ଦିନୀ ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠପଢା ସହିତ ବିଭିନ୍ନ ପ୍ରତିଯୋଗୀତା, କ୍ରୀଡା, ସାଧାରଣ ଜ୍ଞାନ ଉପରେ ରୁଚି ବଢାଇବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ କରୁଣାକର ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ହେଲୋକିଡ୍ସ ସ୍କୁଲର ନିର୍ଦ୍ଦେଶିକା ରଶ୍ମିତା ପଟେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ମୋଣ୍ଟେସରୀ ପଦ୍ଧତି, ବୋଧଗମ୍ୟ ଓ ଖେଳ ସହ ଶିକ୍ଷା ବ୍ୟବସ୍ଥା ତଥା ଛାତ୍ରୀଛାତ୍ରଙ୍କ ନିମନ୍ତେ ବିଦ୍ୟାଳୟର ସ୍ୱତନ୍ତ୍ର ଶିକ୍ଷା ପ୍ରଣାଳୀ ଉପରେ ଉପସ୍ଥାପନା କରିଥିଲେ। ରିଭରଷ୍ଟୋନ ବିଦ୍ୟାଳୟର ନିର୍ଦ୍ଦେଶକ ରୋସନ ପଟେଲ ନିଜ ବକ୍ତବ୍ୟରେ ସ୍କୁଲର ବିଭିନ୍ନ ଉପଲବ୍ଧି, ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା, ନିୟମିତ ଶିକ୍ଷାଦାନ ସାଙ୍ଗକୁ ବହିର୍ଭୂତ କାର୍ଯ୍ୟକଳାପ ତଥା ଭବିଷ୍ୟତ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତି ଛାତ୍ର ସ୍ୱରିତ ଉପାଧ୍ୟାୟଙ୍କୁ ସର୍ବଶ୍ରେଷ୍ଠ ଛାତ୍ରଭାବେ ବେଷ୍ଟ ଆଚିଭର ଆଣ୍ଡ ଏକାଡେମିକ ଷ୍ଟାର ଅଫ ସ୍କୁଲ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଗତ ଦିନରେ ସ୍ୱରିତ ଉପାଧ୍ୟାୟ ବିଭିନ୍ନ ରାଜ୍ୟ ଓ ଜାତୀୟ ସ୍ତରୀୟ ପ୍ରଶ୍ନୋତ୍ତରୀ ପ୍ରତିଯୋଗୀତା, ବିଜ୍ଞାନ ମେଳା, ବକ୍ତୃତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରଯାଇଥିଲା। ଏହାଛଡା ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ସଫଳତା ପାଇଁ ଶୁଭମ ନାଏକ, ଅମିଶା ପଟେଲ, ବୈଷ୍ଣବୀ ନାଏକ, ସଗୁନ ନାଏକ, ନିର୍ମଳ ସାହୁ, ମିତେଶ ରଞ୍ଜନ ପଟେଲ, ଭାରତୀ ବାର୍ଲା, ଅଂଶିକା ପଟେଲ, ପରିସ୍ମିତା ପଟେଲ, ଆକୃତି ଅପୂର୍ବା ଦାସ, ଆରାଧ୍ୟା ପଟ୍ଟନାୟକ, ରିଦ୍ଧି ନାଏକ, କ୍ଷିତିକ ବନଛୋର ଓ ଶିଖା ଭୋଇଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ସ୍ୱରିତ ଉପାଧ୍ୟାୟଙ୍କୁ ବେଷ୍ଟ ଆଚିଭର ଆଣ୍ଡ ଏକାଡେମିକ ଷ୍ଟାର ଅଫ ସ୍କୁଲ ପୁରସ୍କାର ପ୍ରଦାନ କରାଯାଉଛି।

**ହେଲୋ କିଡ୍ସ, ରିଭରଷ୍ଟୋନ ବିଦ୍ୟାଳୟର ବାର୍ଷିକ ଉତ୍ସବ**

## ତପୋବନ ଆଶ୍ରମରେ ଗୀତା ଜୟନ୍ତୀ

ବରଗଡ଼,୨୫।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ଶାନ୍ତି ତପୋବନ ଆଶ୍ରମ ଆନୁକୂଲ୍ୟରେ ଗୀତା ଜୟନ୍ତୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ତରଣୀ ମିଶ୍ର ପଣ୍ଡିତ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବେ ଅଙ୍କିତା ସାହୁ ଓ ସ୍ୱାମୀ ଦେବାଶିଷ, ସମିତା ପଟେଲ ଓ ସ୍ୱାମୀ ବିନୟ, ଦୀପା ସାହୁ ଓ ସ୍ୱାମୀ ପରମାନନ୍ଦ ସାହୁ ଏବଂ ସନ୍ଥ ସାହୁ ସ୍ୱାମୀ ତୋଫାନ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଶିକ୍ଷକ ମନୋଜ ସାହୁ ଶାନ୍ତି ପତାକା ଉତ୍ତୋଳନ କରି ବ୍ୟାସ ଭାବେ ଗୀତା ପାଠ କରିଥିଲେ। ମାତୃଛାୟାର ସମସ୍ତ ଅନ୍ତେବାସିନୀ ଉପସ୍ଥିତ ଥିଲେ। ଏହି ଅବସରରେ ମାତୃଛାୟା ଅନ୍ତେବାସିନୀ ସିମରନଙ୍କ ନବଜାତ ଶିଶୁର ନାମକରଣ କରାଯାଇ ଝଙ୍କୃତ ରଖାଯାଇଥିଲା। ଅନ୍ତେବାସିନୀ ନଳିନୀଙ୍କ ଶିଶୁ ସନ୍ତାନ ଉର୍ମିଳାର ଅନ୍ନପ୍ରାଶନ ହୋଇଥିଲା ।



ଶାନ୍ତି ତପୋବନ ଆଶ୍ରମରେ ଗୀତା ଜୟନ୍ତୀ ମହୋତ୍ସବ।

## କଣ୍ଢଳ ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ଦେବଗଡ, ୨୫।୧୨(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ କଣ୍ଢଳ ପ୍ରାଥମିକ କୃଷି ସମବାୟ ସମିତି ଗୋଦାମ ଗୃହ ପରିସରରେ କଣ୍ଢଳ ପ୍ରାଥମିକ କୃଷି ସମବାୟ ସମିତିର ୬୪ତମ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଦେବେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱ ଓ ସମ୍ପାଦକ ରମେଶ ଚନ୍ଦ୍ର କୁଣ୍ଡଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ଅତିଥିଭାବେ କଣ୍ଢଳ ପ୍ରାଥମିକ କୃଷି ସମବାୟ ସମିତିର ପୂର୍ବତନ ସଭାପତି ବିରଞ୍ଚି ବେହେରା, ପ୍ରଶନ୍ନ କୁମାର ନାୟକ, ଅବସରପ୍ରାପ୍ତ ଶିକ୍ଷକ ଗୁଣନିଧି ନାୟକ ଓ ବିଭୂତି ଗଙ୍ଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମିତି ପକ୍ଷରୁ ଚାଷୀ ଭୁବନେଶ୍ୱର ସାହୁ, ଡମ୍ବରୁଧର ରାଜହଂସ, ସଞ୍ଜୀବ କୁମାର ବିଶ୍ୱାଳ ଓ ବିଷ୍ଣୁଚରଣ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗୋବିନ୍ଦ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ଉପସ୍ଥିତ ଅତିଥି ବୃନ୍ଦ।

## ସ୍ୱାର୍ଟନ ଭୁବନେଶ୍ୱରକୁ ହରାଇ ଏନ୍‌ଏନ୍‌ଏସ୍ ପ୍ରୟାଗରାଜ ଫାଇନାଲରେ

**୨୭ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍**

ଅମରପାଲି,୨୫।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୨୭ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ସୋମବାର ଥିଲା ଚତୁର୍ଥ ଦିବସ। ସୋମବାର ମ୍ୟାଚ ଏନଏନଏସ କ୍ରିକେଟ ଏକାଡେମୀ ପ୍ରୟାଗରାଜ ଓ ସ୍ୱାର୍ଟନ ଭୁବନେଶର ମଧ୍ୟରେ ହୋଇଥିଲା। ମ୍ୟାଚ ଟି -୨୦ ଓ ଟି -୧୦ ଫର୍ମାଟରେ ହୋଇଥିଲା। ପ୍ରୟାଗରାଜ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୫୪ରନ କରିଥିଲା। ଦଳର ନିଶାନ୍ତ ସିଂ ୪୫ ଓ ଦୀପଙ୍କର ସିଂ ୩୪ ରନ କରିଥିବା ବେଳେ ବିପକ୍ଷ ଭୁବନେଶ୍ୱରର ବିଶାଳ କର ୩ଟି ଉଇକେଟ ନେଇଥିଲେ। ଜବାବରେ ଭୁବନେଶର ଦଳ ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୩୩ରନ କରିଥିଲା। ଦଳର ରୋନାଲ୍ଡ ଦାସ ୫୬ରନ କରିଥିବା ବେଳେ ପ୍ରୟାଗରାଜର ଦୀପଙ୍କର ସିଂ ୩ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ପ୍ରୟାଗରାଜ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୩୩ରନ କରିଥିଲା। ଦଳର ସୌରଭ ଶୁକ୍ଲା ୭୪ରନ କରିଥିବା ବେଳେ ବିପକ୍ଷ ଭୁବନେଶ୍ୱରର ବିଶାଳ କର ଓ ଗୌରବ ରାଉତ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭୁବନେଶର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୯୯ରନ କରିଥିଲା। ଦଳର ଅଶିନୀ ମହାପାତ୍ର ୩୦ରନ କରିଥିବା ବେଳେ ବିପକ୍ଷ ପ୍ରୟାଗରାଜର କ୍ରିଷ୍ଣା ସରୋଜ, ଏମଡି ଉମର, ନିଶାନ୍ତ ସିଂ ଓ ବିକାଶ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ପ୍ରୟାଗରାଜ ଦଳ ମ୍ୟାଚକୁ ଜିଣି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଏବଂ ସୁବର୍ଣ୍ଣପୁର ଉପଜିଲାପାଳ ଡ଼. ଇପସିତା ପ୍ରିୟଦର୍ଶନୀ ମିଶ୍ର ଓ ସ୍ଥାନୀୟ ସରପଞ୍ଚ ସୂର୍ଯ୍ୟ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରୟାଗରାଜର ଦୀପଙ୍କର ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ତପନ ବେହେରା ଓ ବିଶ୍ୱଜିତ ପୁରୋହିତ ପରିଚାଳନା କରିଥିବା ବେଳେ ବାଙ୍କା ବିହାରୀ ମହାକୁର ସ୍କୋରିଂଏବଂ ମ୍ୟାକମିଲନ ମହାକୁର ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ଦିନ ପୁଲ - ବିର ପ୍ରଥମ ମ୍ୟାଚ ଶ୍ରୀଲତା କ୍ରିକେଟ ଏକାଡେମୀ, ପଶ୍ଚିମବଙ୍ଗ ଓ ବକରୋ ରେଲୱେ, ଝାଡଖଣ୍ଡ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।




ପ୍ରୟାଗରାଜର ଦୀପଙ୍କର ସିଂଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ଅଭିନେତା ନରେନ୍ଦ୍ର ପାଇବେ ଉଦୟନ ନାଟ୍ୟ ସମ୍ମାନ



**ସମ୍ବଲପୁର,୨୫।୧୨(ବି.ଶଙ୍କର):** ଯୁବ ଉଦୟନ ଅନୁଷ୍ଠାନ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଆୟୋଜନ କରି ଉଦୟନ ନାଟ୍ୟ ସମ୍ମାନ ପ୍ରଦାନ କରି ଆସୁଛି । ଏହି କ୍ରମରେ ଚର୍ଳିତ ବର୍ଷ ବରିଷ୍ଠ ମଞ୍ଚ, ଚଳଚ୍ଚିତ୍ର ଓ ବେତାର ଅଭିନେତା ନରେନ୍ଦ୍ର କୁମାର ବେହେରାଙ୍କୁ ଉଦୟନ ନାଟ୍ୟ ସମ୍ମାନ-୨୦୨୩ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ଏ ନେଇ ସୋମବାର ଅନୁଷ୍ଠାନର ସମ୍ପାଦକ ଅଭିଷେକ ମିଶ୍ର ପ୍ରେସ ବିବୃତିରେ ସୂଚିତ କରିଛନ୍ତି। ନରେନ୍ଦ୍ର ଦୀର୍ଘବର୍ଷରୁ ମଞ୍ଚ ଅଭିନେତା ଭାବେ ନିଜର କଳା ପ୍ରଦର୍ଶନ କରିଆସୁଛନ୍ତି। ଏପର୍ଯ୍ୟନ୍ତ ସେ ୧୫୦ ନାଟକରେ ଅଭିନୟ କରି ରାଜ୍ୟସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରାଜ୍ୟ ବାହାରେ ମଧ୍ୟ ସେ ବିଭିନ୍ନ ନାଟକରେ ଅଭିନୟ କରି ପୁରସ୍କୃତ ହୋଇଛନ୍ତି । ମଞ୍ଚ ନାଟକ ସହ ସେ ୪ଟି ଚଳଚ୍ଚିତ୍ର, କ୍ଷୁଦ୍ର ଚଳଚ୍ଚିତ ଓ ବେତାର ନାଟକରେ ଅଭିନୟ କରିଛନ୍ତି ।

### ଖ୍ରୀଷ୍ଟମାସ ପର୍ବରେ ସର୍ବଧର୍ମ ସଭା

**ରାଜଗାଙ୍ଗପୁର,୨୫।୧୨ (ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସ୍ୱାତିମେରି ଚର୍ଚ୍ଚ ପରିସରରେ ସୋମବାର ଖ୍ରୀଷ୍ଟମାସ ପର୍ବ ପାଳନ ହୋଇଥିବା ବେଳେ ସକାଳେ ଏଠାରେ ଏକ ସର୍ବଧର୍ମ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଡାଲମିଆ ସିମେଣ୍ଟ ୟୁନିଟ ମୁଖ୍ୟ ଚେତନ ଶ୍ରୀବାସ୍ତବ ଯୋଗଦେଇ ସମସ୍ତଙ୍କୁ ବଡଦିନର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ ସବୁ ଧର୍ମ ସମାନ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ରାଜଗାଙ୍ଗପୁର ସିଟିଜେନ ଫୋରମ ସଭାପତି ଅଶୋକ ଦାସ, ରାଜଗାଙ୍ଗପୁର ଓକିଲ ସଂଘ ସଭାପତି ଅଶୋକ ପାଣି, ମଜାର କମିଟି ସଭାପତି ମହମ୍ମଦ ଗୁଡ୍ଡା, ପୌରାଧ୍ୟକ୍ଷ ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ଟାଉନ ବିଜେଡିର ସଭାପତି ରାଜେନ୍ଦ୍ର ଲେଙ୍କା, ପୂର୍ବତନ ଟାଉନ ବିଜେଡିର ସଭାପତି ଅମରେଶ ପଣ୍ଡା ଓ ରାଜେନ୍ଦ୍ର ବେହେରା, କୁଲଦୀପ ସିଂ ପ୍ରମୁଖଙ୍କ ସହ ଅନ୍ୟ ସାମିଲ ଥିଲେ।

### ପଣ୍ଡିତ, ସାମାଜିକ କର୍ମୀ ସମ୍ବର୍ଦ୍ଧିତ



**ରାଉରକେଲା,୨୫।୧୨(ସଙ୍ଗୀତା ଜେନା):** ରାଉରକେଲା ହରିଆଣା ଭବନରେ ଶକ୍ତି ବାହିନୀ ଓ ବିପ୍ରସେନା ରାଉରକେଲା ଶାଖା ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଶକ୍ତି ବାହିନୀ ସଭାନେତ୍ରୀ ଶ୍ରଦ୍ଧା ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ବହୁ ଜ୍ଞାନୀ, ଗୁଣୀ ପଣ୍ଡିତ ଯୋଗ ଦେଇଥିଲେ। ଏସ୍. ହରିହରଣ, ବଦ୍ରି ନାରାୟଣ ପାଢ଼ୀ, ହରିଶଙ୍କର ମିଶ୍ର, ବିମଳ ବିଶି, ଗୁରୁଚରଣ ଦାଶ, ସନ୍ତୋଷ ଶତପଥୀ, ରଞ୍ଜିତ ତ୍ରିପାଠୀ, ଅଶ୍ୱିନୀ ପାତ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷାବିତ୍ ବିଜୟ ଦାଶ, ସମାଜସେବୀ ପ୍ରକାଶ ପାଶୱାନ, ତ୍ରୈଲୋଚନ ସାହୁ, ଉମେଶ ସିଂ ଓ ଅନ୍ୟମାନଙ୍କୁ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି କେନ୍ଦ୍ରାପଡ଼ା, ଯାଜପୁର, ଟିଟିଲାଗଡ଼, ହାଇଦ୍ରାବାଦ ଆଦି ସ୍ଥାନରୁ ଆସିଥିବା ୩୧ ଜଣ ପଣ୍ଡିତ ଓ ୧୦ ଜଣ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ୟୋତିର୍ମୟ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ବିପଦଭଞ୍ଜନ ପଣ୍ଡା, ବିନୋଦ ଚନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱ ଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା

## ରାଉରକେଲାରେ ଖ୍ରୀଷ୍ଟମାସ ଡେ ପାଳିତ

**ରାଉରକେଲା,୨୫।୧୨(ଦିନେଶ ମିଶ୍ର)**



ସିଭିଲ ଟାଉନଶିପ୍ ଚର୍ଚ୍ଚରେ ପ୍ରଭୁ ଯିଶୁଙ୍କ ଧରାବତରଣ ଦୃଶ୍ୟ।

ରାଉରକେଲା ସହରରେ ଥିବା ବିଭିନ୍ନ ଚର୍ଚ୍ଚରେ ସୋମବାର ଧୁମ୍‌ଧାମ୍‌ରେ ଖ୍ରୀଷ୍ଟମାସ ଡେ ପାଳିତ ହୋଇଯାଇଛି। ସହରର ଝିରପାଣି, ହମିରପୁର, ସିଭିଲଟାଉନଶିପ୍, ସେକ୍ଟର-୯ ସ୍ଥିତ ମେରିୟମ୍ ପାହାଡ ଆଦି ଚର୍ଚ୍ଚରେ ଖ୍ରୀଷ୍ଟଧର୍ମାବଲମ୍ବୀମାନେ ଏକାଠି ହୋଇ ବିଶ୍ୱଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା କରିଥିଲେ। ବିଳମ୍ବିତ ରାତିରେ ଯିଶୁଖ୍ରୀଷ୍ଟ ଧରାପୃଷ୍ଠରେ ଅବତରଣ ପରେ ଝିରପାଣିର କାଥୋଲିକ୍ ଚର୍ଚ୍ଚ, ସିଭିଲଟାଉନଶିପ୍‌ସ୍ଥିତ ଦୀପ୍ତି ଚର୍ଚ୍ଚ, ଜଲଦା ସି' ବ୍ଲକ ଚର୍ଚ୍ଚରେ ମା' ମେରିୟମଙ୍କୁ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଶ୍ରଦ୍ଧାଳୁମାନେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ପ୍ରସଙ୍ଗରେ ପାନପୋଷ ଚର୍ଚ୍ଚର ଫାଦର ଯୋଶେଫ କୁହନ୍ତି, ଯିଶୁ ହେଉଛନ୍ତି ଶାନ୍ତିର ପ୍ରତୀକ। ଧରାପୃଷ୍ଠରେ ଶାନ୍ତି, ଦୟା, ପ୍ରେମ ଓ ପବିତ୍ରତାକୁ କିଭଳି ବଜାଇ ରଖିହେବ ତାର ପ୍ରଚାର ପ୍ରସାର ପାଇଁ ସେ ଧରାପୃଷ୍ଠକୁ ଆସିଥିଲେ। କାରଣ ଦୟା, ପ୍ରେମ ଓ ଶାନ୍ତିରେ ଏକ ସମୃଦ୍ଧ ବିଶ୍ୱ ନିର୍ମାଣ ହୋଇପାରିବ ବୋଲି ଯୋଶେଫ କହିଥିଲେ। ସହରର ୧୯ରୁ ଊର୍ଦ୍ଧ୍ୱ ଚର୍ଚ୍ଚରେ ଯିଶୁଙ୍କ ଆଗମନ ଓ ତାଙ୍କ ଜୀବନୀ ଉପରେ ଅବଗତ କରାଯାଇଥିଲା। ଏହି ଅବସରରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ପରସ୍ପରକୁ ସ୍ୱାଗତ କରି ଆଲିଙ୍ଗନ କରିଥିଲେ। ଆର୍ସି, କାଥୋଲୋଜି, ବାପିଷ୍ଟ, ଆର୍‌ସି ଚର୍ଚ୍ଚ, ଜିଏଲ ଚର୍ଚ୍ଚ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ବିଭିନ୍ନ ଚର୍ଚ୍ଚ ପରିସରରେ ଛୋଟ ଚାଳଘର ନିର୍ମାଣ କରାଯାଇ କୃତ୍ରିମ ଗୁହାଳରେ ପ୍ରଭୁ ଯିଶୁ ଖ୍ରୀଷ୍ଟଙ୍କ ଜନ୍ମର କାହାଣୀ ଦର୍ଶାଯାଇଥିଲା। ରାଉରକେଲା ସମେତ ବନ୍ଧମୁଣ୍ଡା, ବେଦବ୍ୟାସ, ନୂଆଗାଁ, କୁତ୍ରାର ଛୋଟ ବଡ ଚର୍ଚ୍ଚରେ ମଧ୍ୟ ଧୁମ୍‌ଧାମ୍‌ରେ ଖ୍ରୀଷ୍ଟମାସ ପର୍ବ ପାଳନ କରାଯାଇଥିବା ଦେଖିବାକୁ ମିଳିଥିଲା। ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ଚର୍ଚ୍ଚରେ ପୋଲିସ ମୁତୟନ କରାଯାଇଥିଲା।

# ୨୦ଘର କୈବର୍ତ୍ତ ସମାଜର ଜିଲା କାର୍ଯ୍ୟକାରୀ କମିଟି ବୈଠକ

**ସୁନ୍ଦରଗଡ,୨୫।୧୨(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ୨୦ଘର କୈବର୍ତ୍ତ ସମାଜର ଜିଲା କାର୍ଯ୍ୟକାରୀ ବୈଠକ ସ୍ଥାନୀୟ ଜେଡିଆର ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଶୁକଦେବ ବଡେଇଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଏହାପରେ ପରଲୋକଗତ ସମାଜର ଭଉଣୀଭାଇଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲା ସମ୍ପାଦକ ଧନଞ୍ଜୟ ନାଏକ ସ୍ୱାଗତ ଅଭିଭାଷଣ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନିଖିଳ ଓଡିଶା କୈବର୍ତ୍ତ ମହାସଭା ଓ ଅଗ୍ରଗାମୀ ପଶ୍ଚିମ ଓଡ଼ିଶା କୈବର୍ତ୍ତ ସମାଜର ବିଭିନ୍ନ କାର୍ଯ୍ୟକାରିଣୀ ବୈଠକ ଏବଂ ସମ୍ମିଳନୀମାନଙ୍କରେ ଜିଲା ସଭାପତି ବଡେଇ, ଜିଲା ସାଧାରଣ ସମ୍ପାଦକ ନାଏକ, ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରେମାନନ୍ଦ ବେହେରା, ଯାଜ୍ଞେଶ୍ୱର ବଡେକ ଯୋଗ ଦେଇଥିବାର ଅନୁଭୂତି ଓ କାର୍ଯ୍ୟ କଳାପ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ବ୍ଲକର କାର୍ଯ୍ୟକର୍ତ୍ତା,ସଭ୍ୟାସଭ୍ୟ ଆଲୋଚନାରେ ଭାଗନେଇ ଆଗାମୀ ଦିନରେ କୈବର୍ତ୍ତ ସମାଜର ଉନ୍ନତି ଓ ସଂଗଠନକୁ ସୁଦୃଢ଼ କରିବାର ଦିଗରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ବ୍ଲକରେ ଥିବା ସଦସ୍ୟାସଦସ୍ୟ ଆଧାରକାର୍ଡ ଓ ଫର୍ମ ଜାନୁଆରୀ ୧୫ ସୁଦ୍ଧା କମିଟିକୁ ପଠାଇବାକୁ ବୈଠକରେ ସ୍ଥିର ହୋଇଛି। ଜାନୁଆରୀ ୧୬ରୁ ଫେବୃଆରୀ ୧୫ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ଲକ କମିଟି ନିଜ ନିଜ ବ୍ଲକରେ ବୈଠକ କରିବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଶାର କେତେକ ସ୍ଥାନରେ କେଉଟ, କୈବର୍ତ୍ତ ଓ ଧୀବର ହଟାଓ ଅଭିଯାନକୁ ଏହି ବୈଠକରେ ନିନ୍ଦା କରାଯାଇଥିଲା। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଭଗବତିଆ ବାରିକ,ପ୍ରଶାନ୍ତ କାଲୋ, ଶଶୀଭୂଷଣ ବଡେଇ,ଏଲାରୀ ଶଙ୍କର ସେଟ,ସୁମନ୍ତ କୁମାର ବଡେଇ,ନରହରି ସେଟ,ସଦିବ କୁମାର ସେଟ,ଘନଶ୍ୟାମ ମଲ୍ଲିକ,ସାଧୁଚରଣ ରାଉତ,ଟଙ୍କଧର କିଲୋ ପ୍ରମୁଖ ସାମିଲ ହୋଇଥିଲେ।

## ହୀରାକୁଦ କ୍ରିକେଟ ଲିଗ୍: ହୀରାକୁଦ ଟାଉନ ଦଳ ଚାମ୍ପିୟନ

**ସମ୍ବଲପୁର,୨୫।୧୨(ବି.ଶଙ୍କର)**

ହୀରାକୁଦ କ୍ରୀଡ଼ାସଂସଦ ପକ୍ଷରୁ ଆୟୋଜତି ହୀରାକୁଦ କ୍ରିକେଟ ଲିଗ୍ ରବିବାର ରାତିରେ ସ୍ଥାନୀୟ ସୁଭାଷ ମଇଦାନଠାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ହୀରାକୁଦ ଟାଉନ ଓ ଅନ୍ଧାରୀପାଟ ଯୁବକ ସଂଘ ମଧ୍ୟରେ ଅନୁଷ୍ଠିତ ହୋଇ ଥିଲା। ଏଥିରେ ଟାଉନ ଦଳ ୨୧ ରନରେ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ଟାଉନ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ମୋଟ ୧୯୬ ରନ ସଂଗ୍ରହ କରିଥିଲା। ହେଲେ ଅନ୍ଧାରୀପାଟ ଦଳ ଆବଶ୍ୟକ ରନ କରି ନ ପାରି ପରାଜୟ ବରଣ କରିଥିଲା। ଆଦିତ୍ୟ ମହାରଣାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସୁଧୀର ତରିଆଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ହିଣ୍ଡାଲ୍‌କୋ ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ ମହାପାତ୍ର ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ହୀରାକୁଦ କ୍ରୀଡ଼ାସଂଘ ସଭାପତି ଗଣେଶ ପଲାଇ, ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ସୁନିଲ ସାହୁ, କାର୍ଯ୍ୟକାରୀ ସଭାପତି ସଚିକାନ୍ତ ମିଶ୍ର, ସମ୍ପାଦକ ପ୍ରତାପ ତାଣ୍ଡି, ବିଜେଡି ଜିଲା ସାଧାରଣ ସମ୍ପାଦକ ସୁରେନ୍ଦ୍ର ବିଶ୍ୱାଳ, କ୍ଷୀରୋଦ ନାୟକ, ସତନାମ ସିଂ, ଜଟାଧାରୀ ଛନ୍ଦା, ପ୍ରହଲ୍ଲାଦ ତାଣ୍ଡିଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ହୋଇଥିଲା ।



ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

# କିଶାନ ମେଳା, ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜିତ




ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

**କୁତ୍ରା,୨୫।୧୨(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଆଇଟିଆଇ ନିକଟସ୍ଥ ଖେଳ ପଡିଆରେ ୯୦୦ ନାଗ୍ରା କିଷାନ ସମାଜ ଛେଣ୍ଡ ଗଙ୍ଗାଘାଟ କମିଟି ଏବଂ କୁତ୍ରାର ଡୁନମୁରା ଗଙ୍ଗାଘାଟ କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ କିଶାନ ସମାଜର ଜିଲା ସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ସହିତ କିଶାନ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶୋଭାରାମ ପ୍ରଧାନ ଯୋଗଦେଇ ପୂର୍ବରୁ ଚାଲିଆସିଥିବା ପାରମ୍ପରିକ କିସାନ ସଂସ୍କୃତିକୁ ବଞ୍ଚାଇ ରଖିବା ଉପରେ ସମସ୍ତେ ଦୃଷ୍ଟି ଦେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଝାରସୁଗୁଡା ଏସଡିସି ଅଧ୍ୟକ୍ଷ ମୋହନ କିଷାନ, ସମାଜିକ କର୍ମୀ ବଇଲୋ କିସାନ, ଛେଣ୍ଡ ଗଙ୍ଗାଘାଟ କମିଟି ସଭାପତି ବୁଧୁ କିଷାନ, ସମ୍ପାଦକ ଚନ୍ଦ୍ରମଣି କିଷାନ, କାର୍ଯ୍ୟକାରୀ ସଭାପତି ଝିରଗା କିଷାନ, ସହ ସମ୍ପାଦକ ଧର୍ମୁ କିଷାନ, ରାଜ୍ୟ କମିଟି ସଦସ୍ୟ ସପ୍ନ ମଞ୍ଚ, ଗଙ୍ଗାଘାଟ କମିଟି ସଭାପତି କପିଳେଶ୍ୱର କିଷାନ, ସମ୍ପାଦକ ପ୍ରେମଚାନ୍ଦ ଲାକଡା, ବିଶ୍ୱନାଥ ଟପ୍ପୋ, ଶଙ୍କର ପ୍ରସାଦ ଟପ୍ପୋ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ଫୁଟ୍‌ବଲ ଟୁର୍ନାମେଣ୍ଟରେ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନଲ ମ୍ୟାଚ କୁତ୍ରା ଓ ଲାଇଙ୍ଗ କଲୋନୀ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ବରାବର ରହିବାରୁ ପେନାଲଟି ସୁଟ ଆଉଟର ସାହାଯ୍ୟ ନିଆଯାଇଥିଲା। ଏଥିରେ ଲାଇଙ୍ଗ କଲୋନୀ ୪-୩ ଗୋଲରେ ବିଜୟୀ ହୋଇଥିଲା। କୁତ୍ରା ଦଳ ରନର୍ସ ଅପ ହୋଇଥିଲା। ସେହିଭଳି ଗର୍ଜନ ଦଳ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଗବରପେଟି ଦଳ ଚତୁର୍ଥ ସ୍ଥାନରେ ରହିଥିଲା। ସମସ୍ତ ୪ଟି ଦଳକୁ ପୁରସ୍କାର ବାବଦରେ ଖାସି ପ୍ରଦାନ କରାଯାଇଥିଲା। ଅନୁଷ୍ଠିତ ହୋଇଥିବା ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୧ଟି ଦଳ ନୃତ୍ୟ ପରିବେଷଣ କରିଥିବା ବେଳେ ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। କିଶାନ ସମାଜର ଏହି ମହାସମାରୋହକୁ ସରପଞ୍ଚ ଭୂବନ କୁଜୁର, କ୍ରିଷ୍ଟା ଲାକଡା,ଦେବେନ ଲାକଡା,ଗଣେଶ ଟପ୍ପୋ, ଅଲେଖ ଟପ୍ପୋ, ମନ କୁଜୁର, ମଙ୍ଗଲୁ ଏକ୍କା, ଭିମା ଲାକଡା, ତହସିଲ ଟପ୍ପୋଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

## ଚାଷଜମି ଫେରିପାଇବାକୁ ଆଦିବାସୀ ସଙ୍ଗଠନକୁ ନିବେଦନ

**ବଡ଼ଗାଁ,୨୫।୨୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ ପଞ୍ଚାୟତ ଅଧୀନ ମଚାମରା ଗ୍ରାମର ଏକ ଆଦିବାସୀ ପରିବାର ୪୩ ବର୍ଷ ପୂର୍ବେ ସରକାରଙ୍କ ଠାରୁ ପାଇଥିବା ଚାଷ ଜମିକୁ ସରକାର ଫେରାଇ ନେଇଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ ସେ ଜିଲାପାଳଙ୍କ ଜନଶୁଣାଣୀରେ ଜଣାଇ ନିରାଶ ହେବାପରେ ଏକ ଭିଡ଼ିଓ ମାଧ୍ୟମରେ ଜଲାର ସମସ୍ତ ଅଧିବାସୀ ସଙ୍ଗଠନ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି। ଘଟଣା ଅନୁଯାୟୀ, ସାହାଜବାହାଲ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିକ୍ରମ ଟପ୍ପୋଙ୍କ ବାପା ସ୍ୱର୍ଗତ ଶାମ ଖଡିଆଙ୍କୁ ୧୯୭୭ରେ ସେଟେଲମେଣ୍ଟ ଜରିଆରେ ୪ ଏକର ୧୬ ଡିସିମିଲ ଜମି ମିଳିଥିଲା। ୪୩ ବର୍ଷ ହେଲା ଏହି ଜମିର ମାଲଗୁଜାରି ଦିଆଯାଇଛି। ତେବେ ବାପାଙ୍କ ପୈତୃକ ଜମି ୧ ଏକରରୁ ତାଙ୍କ ଭାଇ ଓ ସେ ଅଧ ଏକର ଭାଗ ହୋଇଥିଲାବେଳେ ସରକାରଙ୍କ ଠାରୁ ମିଳିଥିବା ୪ ଏକର ୧୬ ଡିସିମିଲକୁ ବିକ୍ରମ ଟପ୍ପୋ ଓ ତାଙ୍କ ଭାଇ ଲବ ଟପ୍ପୋ ଉଭୟେ ଚାଷକରି ପରିବାର ପ୍ରତିପୋଷଣ କରୁଥିଲେ। ଏହାର ମାଲଗୁଜାରି ୨୦୨୧ ପର୍ଯ୍ୟନ୍ତ ଦେଇଆସୁଥିଲେ। ଗତବର୍ଷଠାରୁ ଆଉ ମାଲଗୁଜାରି ରାଜସ୍ୱ ବିଭାଗ କର୍ମଚାରୀ ନେଉନାହାନ୍ତି। ଏ ନେଇ ସେ ତହସିଲଦାର ଓ ଜିଲାପାଳଙ୍କୁ ଜଣାଇଥିଲେ। ଶେଷରେ ସେ ସମସ୍ତ ଅଧିବାସୀ ସଙ୍ଗଠନର କର୍ମକର୍ତ୍ତା ହସ୍ତକ୍ଷପ କରିବାକୁ ନିବେଦନ କରିଛନ୍ତି।

# ଶହୀଦ ଯବାନଙ୍କୁ ଜନ୍ମମାଟିରେ ଶେଷ ସମ୍ମାନ

**କୁଆଁରମୁଣ୍ଡା,୨୫।୧୨(ମହେନ୍ଦ୍ର କୁମାର ସାହୁ)**



ଶହୀଦ ଯବାନଙ୍କୁ ନିଜ ଜନ୍ମମାଟିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯାଉଛି।

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ଜୟଡେଗା ପଞ୍ଚାୟତ ଗିଁଜାଟୋଲିରେ ସୋମବାର ସକାଳେ ଶହୀଦ ଯବାନ ଜନ କିସପୋଟା(୪୮)ଙ୍କ ମୃତଦେହ ପହଞ୍ଚିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜନ୍ମମାଟିରେ ଯବାନମାନେ ପାର୍ଥିବ ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷ ସମ୍ମାନ ଜଣାଇ ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି। ଏହି ସମୟରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ,ଏସ୍‌ଡିପିଓ ସୁଶାନ୍ତ ଦାସ, ରାଏବୋଗା ଥାନାଧିକାରୀ କୃପା ବାଗ, କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର, ରାଜଗାଙ୍ଗପୁର ଏସ୍‌ଡିପିଓ ପ୍ରମୁଖଙ୍କ ସହ ଜୟଡେଗା ସରପଞ୍ଚ,ବିଜେଡି ବ୍ଲକ ସଭାପତି ତଥା କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାସଦା, ଭାଜପା ନେତା ଶଙ୍କର ପୂଜାରୀଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ବ୍ୟକ୍ତି ଉପସ୍ଥିତ ରହି ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। କିସପୋଟା ଦୀର୍ଘ ୨୯ ବର୍ଷ ଧରି ଭାରତୀୟ ସେନାବାହିନୀରେ ଯବାନଭାବେ କାର୍ଯ୍ୟ କରୁଥିଲେ। ୨୮ ବାଟାଲିୟନ ଆସାମ ରାଇଫଲରେ କାର୍ଯ୍ୟ କରୁଥିବା ସମୟରେ ଶାରୀରିକ ସମସ୍ୟା ସୃଷ୍ଟି ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

## ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ପରିସର ସଫେଇ

**ସମ୍ବଲପୁର,୨୫।୧୨(ବି.ଶଙ୍କର):** ବିଜୁ ଜନତା ଦଳର ୨୬ବର୍ଷ ପୂର୍ତ୍ତି ଉତ୍ସବ ମଙ୍ଗଳବାର ପାଳିତ ହେବ। ଏହାକୁ ଦୃଷ୍ଟିରେ ରଖି ସୋମବାର ସକାଳେ ରେମେଡ ଛକସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଓ ପାର୍ଶ୍ୱ ଅଞ୍ଚଳକୁ ବିଜେଡି ନେତା ଓ କର୍ମୀମାନେ ସଫେଇ କରିଛନ୍ତି। ରାଜ୍ୟ ବିଜେଡ଼ି ମୁଖପାତ୍ର ସଞ୍ଜୟ କୁମାର ବାବୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ପ୍ରତିମୂର୍ତ୍ତିକୁ ସାମ୍ପୁ ଓ ସର୍ଫ ପାଣିରେ ଧୋଇ ସଫା କରାଯିବା ପରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଆଇନଜୀବୀ ପ୍ରଫୁଲ୍ଲ କୁମାର ଦାଶ, ବରିଷ୍ଠ ନେତା ସତ୍ୟେନ୍ଦ୍ର ଦାଶ, ବିଜୁ ସ୍ମୃତି କମିଟି ସମ୍ପାଦକ ଦୁଲାଲ ଚନ୍ଦ୍ର ରାୟ ପ୍ରମୁଖ ସହଯୋଗ କରିଥିଲେ।

## ଅଟଳ ବିହାରୀ ବାଜପାୟୀଙ୍କ ଜୟନ୍ତୀ ପାଳିତ

**ରାଉରକେଲା,୨୫।୧୨(ସଙ୍ଗୀତା ଜେନା)**

ପୂର୍ବତନ ପ୍ରଧାନମନ୍ତ୍ରୀ, ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପାୟୀଙ୍କ ଜୟନ୍ତୀ ସୋମବାର ପାଳନ କରାଯାଇଛି। ଏହି ଅବସରରେ ଭାଜପା ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ପ୍ରଥମେ ସେକ୍ଟର-୫ ଅଟଳ ଉଦ୍ୟାନ ସ୍ଥିତ ଦିବଂଗତ ପ୍ରଧାନମନ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏମ୍‌ପି ଜୁଏଲ ଓରାମ ଫଳବଣ୍ଟନ କରିଥିଲେ। ପରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିଭିନ୍ନ ସ୍ଥାନରେ ସଫେଇ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଜଗବନ୍ଧୁ ବେହେରା, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେର୍କେଟା, ପ୍ରମିଳା ଦାସ, ଶକ୍ତେଶ୍ୱର ପାତ୍ର, ରାଜ୍ୟ ମୁଖପାତ୍ର ଗଙ୍ଗାଧର ଦାଶ, ସୁବ୍ରତ ପଟ୍ଟନାୟକ, ରାଜେଶ ସିଂହ, ଏସ୍‌ସି ମୋର୍ଚ୍ଚା ସଭାପତି ରୋହିତ ତନ୍ତୀ, ଭଗବାନ ରାଉତ, ଏଲ୍. ପଟ୍ଟନାୟକଙ୍କ ସମେତ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ସେହିପରି ସନ୍ଧ୍ୟାରେ ଦଳୀୟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।



ଅଟଳ ବିହାରୀ ବାଜପାୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଆମର ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

**ସମ୍ବଲପୁର,୨୫।୧୨(ପ୍ରମୋଦ ବହିଦାର)**

ବୁର୍ଲା ଭାରତୀ କ୍ଲବ ପଡ଼ିଆରେ ଆୟୋଜିତ ୧୦ମ ଆମର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମହିଲପାଲିର ଘୁଡୁକା, ସୋହେଲାର ସୁର ସାଗର ଓ ବରଗଡ଼ର ଢାପ ଆଦି ପଶ୍ଚିମ ଓଡ଼ିଶାର ଲୋକକଳା ପ୍ରଦର୍ଶିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗଦେଇଥିଲେ। କମିଟି ମୁଖ୍ୟ ଉପଦେଷ୍ଟା ପ୍ରମୋଦ ଦାଶ, ଅଧ୍ୟକ୍ଷ ଡ. ଅରବିନ୍ଦ ମହାକୁଡ଼, ସଭାପତି ଗିରିଜା ନାୟକ, ସମ୍ପାଦକ ଚୈତନ୍ୟ ଭୋଇ, ଶିବ ଦଳା, ମନୋରଞ୍ଜନ ପଟ୍ଟନାୟକ, ଓକିଲ ଖମାରୀ, ଭୁବନ ବିଶ୍ୱାଳ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିବା ବେଳେ ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ପହିଲାରୁ ରାଶନ ବଣ୍ଟନ ବନ୍ଦ କରିବେ ଡିଲର

**ସମ୍ବଲପୁର,୨୫।୧୨ (ଭବାନୀ ଶଙ୍କର ଭୋଇ)**

କରୋନା ଆରମ୍ଭରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ବଣ୍ଟନ କରିଥିବା ରାଶନ ବାବଦରେ ସରକାରୀ ନିଯୁକ୍ତ ଡିଲରମାନଙ୍କୁ ସେମାନଙ୍କ କମିଶନ ମିଳି ନ ଥିବା ନେଇ ସୋମବାର ଖବରଦାତା ସମ୍ମିଳନୀରେ ସମ୍ବଲପୁର ଜିଲା ସରକାରୀ ନିଯୁକ୍ତ ଡିଲର ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଡିଲରମାନଙ୍କୁ ମାସିକ ୫୦ ହଜାର ଟଙ୍କାର କମିଶନ ପ୍ରଦାନ, ସମସ୍ତ ଡିଲରଙ୍କୁ ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପ୍ରଦାନ ଆଦି ୯ଦଫା ଦାବି ପୂରଣ କରିବାକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ସମୟ ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ଜାନୁୟାରୀ ପହିଲାରୁ ଡିଲରମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଶନ ସାମଗ୍ରୀ ବିତରଣ ବନ୍ଦ ରଖିବେ ବୋଲି ଘୋଷଣା କରିଛନ୍ତି। ଅଖିଳ ଭାରତୀୟ ସରକାରୀ ନିଯୁକ୍ତ ଡିଲର ମହାସଂଘ ଆହ୍ୱାନ କ୍ରମେ ସମ୍ବଲପୁର ଜିଲା ସଂଘ ପକ୍ଷରୁ ଏହି ଘୋଷଣା କରାଯାଇଛି। ଏ ନେଇ ମଙ୍ଗଳବାର ଜିଲା ଯୋଗାଣ ଅଧିକାରୀ, ମହାନଗର ନିଗମ କମିଶନର ଓ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଅଗ୍ରସେନ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଂଘର ଜିଲା ସଭାପତି ରତିକାନ୍ତ ମହାନ୍ତି, ଉପସଭାପତି ଅମିତ ଅଗ୍ରୱାଲ, ସାଧାରଣ ସମ୍ପାଦକ ଅନୱର ଅଲି, ଅଞ୍ଜଳି ନାୟକ, ଉମେଶ ଚନ୍ଦ୍ର ବଳ, ଦେବରାଜ ପଟେଲ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଜିଲା ଡିଲର ସଂଘର କର୍ମକର୍ତ୍ତା।

